# ପିଲାଙ୍କ ଧରିତ୍ରୀ

ଶନିବାର, ୨୧ ଡିସେମ୍ବର, ୨୦୧୯



ଦେଶ ବିଦେଶରେ କ୍ରିସ୍ମାସ୍ ୩

କବିତା ୬

## ମତାମତ

‘ନିଷ୍ପାପ ହୃଦୟ ଯାର’ ଓ ‘ମୁଁ ଶିଶୁଟିଏ ପରା’ କବିତା ଦୁଇଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ଆଉ ପ୍ରକାଶ ପାଉଥିବା ଆସ ଖୋଜିବା ଓ ବିନ୍ଦୁ ଯୋଡ଼ ମୋର ପସନ୍ଦ।

**- ଉତ୍କଳିକା ଦାସ,**
ମାର୍କୋଣା, ବାଲେଶ୍ୱର

କହିଲ ଦେଖିର ଉତ୍ତର ଦେବାକୁ ମଜା ଲାଗେ। ପୃଷ୍ଠା ୩ରେ ପ୍ରକାଶ ପାଉଥିବା ବିଜ୍ଞାନ କଥାରୁ ଅନେକ ନୂଆ ତଥ୍ୟ ଜାଣିବାକୁ ମିଳୁଛି।

**- ସ୍ୱୟମ୍ଶ୍ରୀ ରଥ,**
ଲଣ୍ଡେଇସାହି, ଗଞ୍ଜାମ

ଗପ ସ୍ତମ୍ଭରେ ପ୍ରକାଶିତ ‘ଡାକ୍ତରଙ୍କ ବୁଦ୍ଧି’ ପଢ଼ି ଭଲ ଲାଗିଲା। ଡାକ୍ତରଙ୍କ ବୁଦ୍ଧି ଆଗରେ ଓକିଲ କିପରି ହାର ମାନିଛନ୍ତି ଜାଣିବାକୁ ମିଳିଲା। ହସକଥା ପଢ଼ି ଖୁବ୍ ହସିଲି।

**- ଲକ୍ଷ୍ମୀପ୍ରିୟା ହୋତା,**
ଜୟପୁର, କୋରାପୁଟ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଗପ



# ହରିଶ୍ ମୁହଁରେ ହସ

ହରିଶ ଓ ପିଟର ଦୁଇ ସାଙ୍ଗ। ହଷ୍ଟେଲରେ ରହି ପାଠ ପଢନ୍ତି। ସେଦିନ ଥାଏ ମେରି କ୍ରିସ୍‌ମାସ୍‌ର ପୂର୍ବଦିନ। ରାତିରେ ଖାଇସାରି ଦୁହେଁ ରୁମ୍‌କୁ ଆସିଲେ। ପରଦିନ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରସ୍ତୁତ ହେଉଥାଏ ପିଟର। କେତେବେଳେ ସାନ୍ତାକ୍ଲଜ ଭୂମିକାରେ ଅଭିନୟ କରୁଥାଏ ତ ଆଉ କେତେବେଳେ ଅନ୍ୟର ମୁହଁରେ ହସଫୁଟାଇବାକୁ ମଜା ମଜା କଥା କହୁଥାଏ। ହରିଶ ତା’ ବେଡ୍ ଉପରେ ବସି ଏ ସବୁ ଦେଖୁଥାଏ। ତା’ର ମନ ଭାରି ଉଦାସ ଥାଏ। କାରଣ ସେ ସହଜରେ ଅନ୍ୟମାନଙ୍କ ସହ ମିଶିପାରେ ନାହିଁ। ଆସନ୍ତାକାଲିର ପର୍ବକୁ କେମିତି ଉପଭୋଗ କରିବ ଭାବି ଭାବି ଚିନ୍ତାରେ ବସିଥାଏ। ସେ ପିଟରକୁ ଏ ବିଷୟରେ କିଛି କହୁ ନ ଥାଏ। କିନ୍ତୁ ହରିଶର ମନକଥା ପିଟର ବୁଝିପାରୁଥାଏ। ତାକୁ ଖୁସି କରିବା ପାଇଁ ପିଟର ସାନ୍ତାକ୍ଲଜର ବିଭିନ୍ନ କାହାଣୀ କହିବା ଆରମ୍ଭ କଲା। କାହାଣୀ ଶୁଣୁ ଶୁଣୁ ହରିଶ୍ ଶୋଇ ପଡିଲା। ତା’ପରେ ପିଟର ବି ଯାଇ ଶୋଇଲା।

ଇଏ କ’ଣ? ସାନ୍ତାକ୍ଲଜ ସହ ହରିଶ୍ ତାଙ୍କ ଗାଡିରେ ବସି ଆକାଶରେ ଉଡୁଛି। ଗୋଟିଏ ପରେ ଗୋଟିଏ ଗାଁକୁ ଯାଉଛି। ପିଲାମାନଙ୍କ ଗହଣରେ ବରଫରେ ଖେଳୁଛି। କ୍ରିସ୍‌ମାସ୍ ଗଛ ବି ସେଠାରେ ଅଛି। ସବୁ ପିଲାଙ୍କୁ ମିଠାଇ ଓ ଉପହାର ଦେଇ ମେରି କ୍ରିସ୍‌ମାସ୍ କହି କହି ଚାଲିଯାଉଛି ସାନ୍ତାକ୍ଲଜ ସହିତ। ସାନ୍ତାକ୍ଲଜ ହରିଶକୁ କହୁଥାନ୍ତି, ମନ ସବୁବେଳେ ଖୁସି ଓ ପ୍ରଫୁଲ୍ଲ ରଖିବ। ତା’ହେଲେ ତୁମେ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରହିପାରିବ। ଏଥିପାଇଁ ମୁ ତୁମକୁ ଗୋଟିଏ ବଢିଆ ଉପାୟ ବତାଇବି। ସାନ୍ତାକ୍ଲଜ ତାଙ୍କ ମୁଣାରୁ ଚକୋଲେଟ୍‌ଟିଏ ବାହାର କରି ବଢାଇଦେଲେ ହରିଶ୍ ହାତକୁ। ହରିଶ୍ ଭାରି ଖୁସି ହୋଇଗଲା। ଠିକ୍ ଏତିକି ବେଳେ ରୁମ୍‌ର କବାଟ କେହିଜଣେ ଠକ୍‌ଠକ୍ କଲେ। ହରିଶ୍‌ର ନିଦ ଭାଙ୍ଗିଗଲା। ସ୍ୱପ୍ନରେ ସାନ୍ତାକ୍ଲଜ ସହ ଭ୍ରମଣ କରି ତା’ର ଉଦାସ ପଣ ଚାଲିଯାଇଥାଏ। ରୁମ୍‌ର ଚାରିଆଡକୁ ଚାହିଁଲା ଘଣ୍ଟାରେ ଭୋର ୫ଟା ସମୟ, ପିଟର ବି ଶୋଇଛି। ରୁମ୍‌ର କବାଟ ଖୋଲି ଦେଖେତ ଖେଳ ଶିକ୍ଷକ ରଫିକ୍ ସାର ସାନ୍ତାକ୍ଲଜ ବେଶରେ ଆସି ହରିଶକୁ ଦୁଇଟି ପ୍ୟାକେଟ୍ ବଢେଇ ଦେଇ ଗଲେ। ହରିଶ ଏହାକୁ ଖୋଲି ଦେଖେ ତ ଏଥିରେ ଦୁଇହଳ ସାନ୍ତାକ୍ଲଜ ଡ୍ରେସ ଓ କିଛି ମିଠେଇ ପ୍ୟାକେଟ୍ ଅଛି। ସଙ୍ଗେ ସଙ୍ଗେ ପିଟରକୁ ଡାକିଲା ହରିଶ୍। ନିତ୍ୟକର୍ମ ସାରି ସାଇକେଲ ଯୋଗେ ଚାଲିଲେ କୁନି କୁନି ପିଲାମାନଙ୍କ ପାଖକୁ। ସେମାନଙ୍କ ସହ ଖୁବ୍ ମଜା କଲେ, ଖେଳିଲେ, ମିଠେଇ ବି ବାଣ୍ଟିଲେ। ହରିଶ କହୁଥାଏ ପିଟରକୁ, ପ୍ରକୃତରେ ଅନ୍ୟର ମୁହଁରେ ହସ ଫୁଟାଇବା ଠାରୁ ଆଉ ଆନନ୍ଦ କେଉଁଥିରେ ଅଛି ଯେ। ପିଟର ଆଶ୍ଚର୍ଯ୍ୟ ହୋଇ ହରିଶ୍‌କୁ ଚାହିଁରହିଥାଏ। ଆଉ ହରିଶ ଅନ୍ୟମାନଙ୍କ ସହ ସହଜରେ ମିଶିବା ଓ ଖେଳିବାର ଉପାୟ ପାଇ ସାରିଥିଲା। ସେଦିନଠୁ ହରିଶ କେବେ ଉଦାସ ରହିବାର ପିଟର ଦେଖି ନାହିଁ।


**– ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଖିଲିଖିଲି ହସ

ଶିକ୍ଷକ: ପପୁ କହିଲୁ ୩ ସହ ୭ ଯୋଡିଲେ କେତେ ହେବ ?
ପପୁ: ସାର୍, ୧୦ ହେବ।
ଶିକ୍ଷକ: ୫ ସହିତ ୭ ମିଶିଲେ କେତେ ହେବ ?
ପପୁ: ଜାଣିନି।
ଶିକ୍ଷକ: କେମିତି ଜାଣିନୁ ?
ପପୁ: ସାର୍, ମୋ ହାତରେ ତ ଆଙ୍ଗୁଠି ମାତ୍ର ଦଶଟି। ପାଞ୍ଚ ସହିତ ସାତକୁ କେମିତି ଯୋଡିବି ?

ଟିଣ୍ଟୁ ନୂଆ ଜିନ୍ସ ପ୍ୟାଣ୍ଟ ପିନ୍ଧି ମଣ୍ଟୁ ଘରକୁ ବୁଲିବାକୁ ଗଲା। ସେଠାରେ ଟିଣ୍ଟୁ ମଣ୍ଟୁକୁ କହିଲା– ଦେଖ୍ ମୋ ନୂଆ ଜିନ୍ସ ପ୍ୟାଣ୍ଟ ।
ମଣ୍ଟୁ: କିଛି ସମୟ ଦେଖିଲା ପରେ କହିଲା– ଆରେ ଟିଣ୍ଟୁ, କେଉଁ ଦୋକାନରୁ କିଣିଲୁ ?
ଟିଣ୍ଟୁ: କ’ଣ ହେଲାକି ?
ମଣ୍ଟୁ: ତୁ ଯେଉଁ ଦୋକାନରୁ ପ୍ୟାଣ୍ଟ କିଣିଲୁ ସେ ଦୋକାନରେ ବୋଧେ ଅଧିକ ମୂଷା ଅଛନ୍ତି, କାରଣ ସେ ପ୍ୟାଣ୍ଟକୁ ପୂରା ମଝିରୁ ମଝିରୁ କାଟି ପକାଇଛନ୍ତି।

ଥରେ ଏକ ସ୍କୁଲ୍‌ରେ ନୂଆ ଖେଳ ଶିକ୍ଷକ ଜଏନ କଲେ।
ଖେଳ ପିରିୟଡରେ ରୋହନକୁ ପଚାରିଲେ– ତୁମର ଓଜନ କେତେ ?
ରୋହନ: ସାର୍,ଚଷମା ଲଗାଇ ୩୦କିଲୋ।
ଖେଳ ଶିକ୍ଷକ: ବିନା ଚଷମାରେ ଓଜନ କେତେ ?
ରୋହନ: ସାର୍, ମୋତେ ବିନା ଚଷମାରେ ଓଜନ ଦେଖାଯାଏନି!




ବିନ୍ଦୁ ଯୋଡ଼

## ଚଗଲା ଭୀମୁ



ପ୍ରଭୁ ଯିଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ସମଗ୍ର ବିଶ୍ୱରେ ବଡ଼ଦିନ ବା କ୍ରିସ୍‌ମାସ୍ ଭାବେ ପାଳନ କରାଯାଏ। ବିଭିନ୍ନ ଦେଶରେ କ୍ରିସ୍‌ମାସ୍ ସହ ଯୋଡ଼ି ହୋଇ ରହିଛି ଅନେକ ପ୍ରଥା ଏବଂ ପରମ୍ପରା। ତେବେ ଦେଶ ବିଦେଶରେ କିଭଳି ଭାବେ ଏହି ପର୍ବକୁ ପାଳନ କରାଯାଏ ଜାଣନ୍ତୁ ସେ ସମ୍ପର୍କରେ ...

# ଦେଶ ବିଦେଶରେ କ୍ରିସ୍‌ମାସ୍





- କ୍ରିସ୍‌ମାସ୍ ଅବସରରେ ଅଷ୍ଟ୍ରେଲିଆର ବିଭିନ୍ନ ସ୍ଥାନରେ ଭୟଙ୍କର ମୁଖାପିନ୍ଧା ବ୍ୟକ୍ତିମାନେ ବୁଲୁଥିବାର ନଜର ଆସନ୍ତି। ଏହି ବ୍ୟକ୍ତିମାନେ ବିଭିନ୍ନ ପ୍ରାଙ୍କ୍ ଦ୍ୱାରା ଛୋଟ ଛୁଆ ତଥା ବଡମାନଙ୍କୁ ଡରାଇଥାନ୍ତି।
- ଭେନିଜୁଏଲାର ରାଜଧାନୀ କାରାକାସ୍‌ର ଜନସାଧାରଣ ଏହି ଅବସରରେ ସ୍କେଟିଙ୍ଗ୍ କରି ଚର୍ଚ୍ଚ ଯାଇଥାନ୍ତି।
- ଆୟର୍ଲାଣ୍ଡରେ କ୍ରିସ୍‌ମାସ୍ ଅବସରରେ ଏକ ବିରାଟ ବିରାଡି ବୁଲିଥିବାର ଲୋକବିଶ୍ୱାସ ରହିଛି। ଏହି ବିରାଡି ଭଲ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ନୂଆ ପୋଷାକ ଭେଟିଦେଉଥିବାର ବିଶ୍ୱାସ ରହିଥିବା ବେଳେ ଖରାପ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଗିଳି ଦେଇଥାଏ ବୋଲି ଅନ୍ଧବିଶ୍ୱାସ ରହିଛି।
- ୟୁକ୍ରେନ୍‌ରେ ଏହି ଅବସରରେ କ୍ରିସ୍‌ମାସ୍ ଟ୍ରିରେ ବୁଢ଼ିଆଣୀ ଜାଲ ଭଳି ଦିଶୁଥିବା ଡେକୋରେଟିଭ ଜିନିଷ ଝୁଲେଇବାର ପ୍ରଥା ରହିଛି। ଏଠାରେ ବୁଢ଼ିଆଣୀ ଜାଲକୁ ଶୁଭ ବୋଲି ଗ୍ରହଣ କରାଯାଏ।
- କ୍ରିସ୍‌ମାସ୍ ଅବସରରେ ଜର୍ମାନୀରେ କ୍ରିସ୍‌ମାସ୍ ଟ୍ରିରେ ଆଚାର ଲୁଚେଇବାର ପ୍ରଥା ରହିଛି। ଯେଉଁ ଛୋଟପିଲା ଏହି ଆଚାରକୁ ଖୋଜି ବାହାର କରିବ ତାକୁ କିଛି ଉପହାର ଦେବାର ଏକ ନିଆରା ପ୍ରଥା ରହିଛି।
- ନେଦରଲାଣ୍ଡରେ ଛୋଟପିଲାମାନେ ନିଜ ଜୋତାକୁ ରାତିରେ ନିଆଁ ପାଖରେ ରଖି ଶୋଇଯାନ୍ତି ଏହି ବିଶ୍ୱାସରେ କି ସକାଳୁ ଏହି ଜୋତାରେ ତାଙ୍କ ପାଇଁ କୌଣସି ଉପହାର ଭରି ହୋଇ ରହିଥିବ।
- ଇଟାଲୀରେ କ୍ରିସ୍‌ମାସ୍ ଅବସରରେ 'ବେଫାନା' ନାମକ ଜଣେ ବୃଦ୍ଧା ଘରଘର ବୁଲି ଛୋଟଛୁଆଙ୍କ ମୋଜା ଭିତରେ କ୍ୟାଣ୍ଡି ଏବଂ କିଛି ଉପହାର ରଖିଥାନ୍ତି ବୋଲି ବିଶ୍ୱାସ ରହିଛି।
- ଦକ୍ଷିଣଆଫ୍ରିକାରେ ଏହି ଅବସରରେ ଶୂକରେ ଏକ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇ ଅତିଥିଙ୍କୁ ପରଷା ଯାଏ। ଏହି ଶୂକଗୁଡିକୁ ପାଇନ୍ ଗଛ କିମ୍ବା କ୍ରିସ୍‌ମାସ୍ ଟ୍ରିରୁ ସଂଗ୍ରହ କରାଯାଏ।
- ଲୋକବିଶ୍ୱାସ ରହିଛି ଯେ ନରୱେରେ ଏହି ଅବସରରେ ଅନିଷ୍ଟକାରୀ ଆତ୍ମା ଘୂରିବୁଲନ୍ତି ଏବଂ ଏହି ଆତ୍ମା ଝାଡୁକୁ ନିଜର ପରିବହନ ଭାବେ ବ୍ୟବହାର କରିଥାନ୍ତି। ତେଣୁ ଏହି ଅବସରରେ ନରୱେବାସୀ ନିଜ ଘରର ଝାଡୁକୁ ଲୁଚେଇ ଦେଇଥାନ୍ତି।





- ସ୍ପେନ୍‌ରେ ଏହି ଅବସରରେ କାଠରେ କଣ୍ଢେଇ ପ୍ରସ୍ତୁତ କରାଯାଇଥାଏ ଯାହାକୁ 'ତିଓଦେ ନାଦାଲ' ବୋଲି କୁହାଯାଏ। କାଠଗଣ୍ଡିରେ କାଠର ଗୋଡ, ନାଲି ଟୋପି ପରିହିତ ଏହି କଣ୍ଢେଇକୁ ଛୋଟଛୁଆମାନେ କ୍ରିସ୍‌ମାସ୍ ପୂର୍ବରୁ ଖାଦ୍ୟ, ପାନୀୟ ଦେବା ସହ ତାକୁ ଗରମ ପୋଷାକ ଘୋଡେଇ ରଖିଥାନ୍ତି। କ୍ରିସ୍‌ମାସ୍ ସନ୍ଧ୍ୟାରେ ପିଲାମାନେ ପାରମ୍ପରିକ ଗୀତ ବୋଲି ଏହି କଣ୍ଢେଇକୁ କାଠରେ ବାଡେଇଥାନ୍ତି। ଏହି ବିଶ୍ୱାସରେ କି ଏହି କାଠ କଣ୍ଢେଇ ସେମାନଙ୍କୁ କୌଣସି ଉପହାର ପ୍ରଦାନ କରିବ।
- ସ୍ୱିଡେନ୍‌ରେ ଏହି ଅବସରରେ କୁଟା ଏବଂ ନାଲି ରିବନରେ ବଡ ବଡ ଛେଳି ପ୍ରସ୍ତୁତ କରାଯାଏ। ଏହାକୁ ପାରମ୍ପରିକ ଭାଷାରେ 'ୟୁଲ୍‌ଗୋଟ୍' ବୋଲି କୁହାଯାଏ। କ୍ରିସ୍‌ମାସ୍ ଅବସରରେ ଏହି ଛେଳିର ପୁତ୍ତଳିକାକୁ ଦାହ କରାଯାଇଥାଏ।

ରେକର୍ଡ

# ସର୍ବବୃହତ୍ ସାନ୍ତାକ୍ଲଜ୍ ବାଲୁକାକୃତି




କ୍ରିସ୍‌ମାସ୍ ବା ବଡଦିନ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଲାଗି ଏକ ମହାନ୍ ଦିନ। ଏହି ଦିନକୁ ସ୍ମରଣୀୟ କରିବା ଲାଗି ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ଠିକ୍ ସେହିଭଳି କ୍ରିସ୍‌ମାସ୍ ଅବସରରେ ଓଡିଶାର ପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲିରେ ନିର୍ମାଣ କରିଥିଲେ ସାନ୍ତାକ୍ଲଜଙ୍କ ବୃହତ୍‌କାୟ ପ୍ରତିକୃତି। ଏଥିରେ ସେ ବାଲି ସହ ୧୦ ହଜାର ବର୍ଜ୍ୟ ପ୍ଲାଷ୍ଟିକ ବୋତଲ ମଧ୍ୟ ବ୍ୟବହାର କରିଥିଲେ। ୧୦୦ ଫୁଟ ପ୍ରସ୍ଥ ଏବଂ ୩୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ସାନ୍ତାକ୍ଲଜ୍ ସୃଷ୍ଟି କରିଛି ରେକର୍ଡ। ୨୦୧୮ ମସିହାରେ ପୁରୀ ବେଳାଭୂମିରେ ସେ ଏହି ବାଲୁକାକଳା ନିର୍ମାଣ କରି ପ୍ଲାଷ୍ଟିକ ପ୍ରଦୂଷଣ ସମ୍ପର୍କରେ ବିଶ୍ୱବାସୀଙ୍କୁ ସଚେତନତାର ବାର୍ତ୍ତା ପ୍ରେରଣ କରିଥିଲେ। ସେହିଭଳି ୨୦୧୭ ମସିହାରେ ୨୫ ଫୁଟ ଉଚ୍ଚ ଏବଂ ୫୦ ଫୁଟ ଓସାର ବିଶିଷ୍ଟ ସାନ୍ତାକ୍ଲଜ୍‌ର ଏକ ବିଶାଳ ମୁହଁ ନିର୍ମାଣ କରି ସେ ଆଉ ଏକ କୀର୍ତ୍ତିମାନ ସୃଷ୍ଟି କରିବାରେ ସଫଳ ହୋଇଥିଲେ।

କ ବି ତା

## ବଡ଼ଦିନ

ଦୁଃଖଶୋକ ହରିବାକୁ
ମାଆମେରୀ କୋଳରେ
ଯିଶୁଦିନେ ଶିଶୁ ହୋଇ
ଜନ୍ମିଥିଲେ ଧରାରେ ।
ଆଜି ସେହି ବଡ଼ଦିନ
ଘେନି ସୁଖ ଅସରା
ଆସିଅଛି ଧରି କେତେ
ଉପହାର ପସରା।
ଜନି ଜୁଲି ଖୁସି ମନେ
ଧାଇଁଗଲେ ବଜାର
ଦେଇଥିଲେ ମାଆ ତାଙ୍କୁ
ଟଙ୍କା ଦୁଇ ହଜାର।
ନୂଆ ନୂଆ ଜାମା ପୁଣି
ନୂଆ କେତେ ଦରବ
ସାଥେ ଧରି ଫେରୁଥିଲେ
ହରସରେ ସରବ।
ଆଖିତାଙ୍କ ପଡିଗଲା
ବଟିଖୁଣ୍ଟ ମୂଳରେ
ଖାଲିଦେହେ ପିଲାଟିଏ
ଥରୁଥିଲା ଶୀତରେ।
ପାଖେ ଥିଲା ମାଆ ତାର
ଆଖିରେ ଯା ଲୋତକ
ଭୋକେ ଶୋଷେ ଚାହିଁଥିଲା
ସତେ ଅବା ଚାତକ ।
ଜନି ହାତ ଧରି ଜୁଲି
ବାଟ ନେଲା କଢ଼େଇ
ନୂଆ ଯେତେ ଉପହାର
ଦେଲେ ଦୁହେଁ ବଢ଼େଇ।
ଗରିବ ସେ ମାଆପୁଅ
ହାତଯୋଡି କହିଲେ
"ପ୍ରଭୁ କେତେ ଦୟାବନ୍ତ
ଆମ ଦୁଃଖ ଶୁଣିଲେ।"
ଖାଲି ହାତେ ଜନି ଜୁଲି
ଫେରିଥିଲେ ଘରକୁ
ସବୁଶୁଣି ମାଆ ତାଙ୍କୁ
ଟାଣିନେଲେ କୋଳକୁ ।
ସେହିଦିନ ଆସିଥିଲା
ସାନ୍ତାକ୍ଲଜ ରାତିରେ
ଜନି ଜୁଲି ପାଇଁ ଆଣି
ଉପହାର ସାଥିରେ ।

-ଛନ୍ଦା ମିଶ୍ର
୩ ଆର/୬, ବିଜେବି ନଗର,
ଭୁବନେଶ୍ୱର
ମୋ:୯୪୩୭୪୫୩୬୧୦





## କ୍ରିସ୍‌ମାସ୍

"ଜିଙ୍ଗଲ ବେଲ୍ସ ଜିଙ୍ଗଲ ବେଲ୍ସ
ଜିଙ୍ଗଲ ଅଲ୍ ଦି ୱେ"
ଶୁଭ ଲଗ୍ନର ଶୁଭ ସକାଳେ
ଜନ୍ମିଲ ମହାପୁରୁଷ
ପ୍ରଭୁ ଯିଶୁଖ୍ରୀଷ୍ଟ ହୋଇ ନାମିତ
ଜଗତେ ହୋଇଲ ଖ୍ୟାତ।
ଶୁଭ ସକାଳ ପଚିଶ ଡିସେମ୍ବର
ବଡ଼ଦିନ ନାମ ଅଟେ ଯାହାର
ଖ୍ରୀଷ୍ଟଧର୍ମର ତୁମେ ପ୍ରବର୍ତ୍ତକ
ଈଶ୍ୱର ସନ୍ତାନ ମୂଳ ବ୍ୟକ୍ତିତ୍ୱ।
ପରମେଶ୍ୱରଙ୍କ ଅମିୟପୁତ୍ର
ତ୍ରାଣକର୍ତ୍ତା ପ୍ରଭୁ ହେ ଯିଶୁଖ୍ରୀଷ୍ଟ
ବଡ଼ଦିନ ଆଠଦିନ ହୁଏ ପାଳନ
ବହୁ ନିଷ୍ଠା ଆଚରନ୍ତି ଖ୍ରୀଷ୍ଟୀୟଜନ
ଆଲୋକମାଳାରେ ଚର୍ଚ୍ଚ ହସେ
ବଡଦିନ ଗଛ ସବୁଠି ଦିଶେ
ପିରାମିଡ ପରି ଦିଶଇ ଗଛ
ଗଛରେ ଫୁଟଇ କାଗଜଫୁଲ।
ରଙ୍ଗ ବେରଙ୍ଗରେ ଫୁଲ ଫୁଟଇ
ଚିକ୍‌ମିକ୍ ଦିଶେ ଆଲୋକ ପାଇଁ
ପିଲାଙ୍କର ପ୍ରିୟ ଅଟେ ବଡଦିନ
ଘରକୁ ସଜାନ୍ତି ହୋଇ ନିମଗ୍ନ।
ରାତିରେ ଆସିବେ ସନ୍ଥ ସାନ୍ତାକ୍ଲଜ୍
ଉପହାର ଦେବେ ଏହି କ୍ରିସ୍‌ମାସ୍
ସାନ୍ତାକ୍ଲଜ୍ ପରି ଭାବନା ରଖ
ଉତ୍ତମ ଚିନ୍ତନ ମନରେ ହେଜ
ଅନ୍ୟକୁ ସାହାଯ୍ୟ କରିଲେ ତୁମେ
ଭଲ ପିଲା ତୁମେ ହେବରେ ଦିନେ।

-ମନୀଷା ରାୟ
ଶେଖ୍ ବଜାର,କଟକ
ମୋ:୮୮୯୫୫୯୩୮୭୫



## ଆସ ଖୋଜିବା



## ଏଥରର ପ୍ରଶ୍ନ

* ଲୁଣ, ଗୋଲମରିଚ, ଜିରା, ଧନିଆ, ସୋରିଷ
* ନାଲି, ଗୋଲାପି, ହଳଦିଆ, ସବୁଜ, ବାଇଗଣୀ
* ବାଲଟି, ବୋତଲ, ଗ୍ଲାସ, ମଗ, ପାଇପ୍
* ବୁଢିଆଣୀ, ଅସରପା, ବାଦୁଡି, ମାଛି, ଝିଣ୍ଟିକା
* ପର୍ବତ, ଝରଣା, ଡ୍ୟାମ୍, ସମୁଦ୍ର, ନଦୀ

କେଉଁଟି ଅଲଗା

## ଆରଥରର ଉତ୍ତର

* ୨୮
* ୯
* ଜମ୍ମୁ-କଶ୍ମୀର ଓ ଲଦାଖ
* ହିମାଚଳ ପ୍ରଦେଶ
* ୯

## ପାର୍ଥକ୍ୟ ଦର୍ଶାଅ




# ଅତୀତର ତିନି ଆଖିଥିଆ ଜୀବ

ପିଲାମାନେ, ତୁମେମାନେ ଜାଣିଥିବା ପ୍ରାୟ ୫୦୦ କୋଟି ବର୍ଷ ପୂର୍ବେ ଏକ ଜୀବନ୍ତ ପିଣ୍ଡ ରୂପେ ଆମ ପୃଥିବୀ ସୃଷ୍ଟି ହୋଇଥିଲା। କୋଟି କୋଟି ବର୍ଷ ଯାଏ ପୃଥିବୀ ବାହାର ଅଞ୍ଚଳ ଜଳୁଥିଲା। ଧୀରେ ଧୀରେ ଏହା ଥଣ୍ଡା ହେବାକୁ ଲାଗି। ଦିନ ରାତି ସବୁ ସମୟରେ ବର୍ଷା ହେବାରୁ ଖାଲୁଆ ଅଞ୍ଚଳ ଜଳମଗ୍ନ ହେଲା। ସେହି ଜଳରାଶିରୁ ହିଁ ସମୁଦ୍ର ବା ମହାସାଗର ସୃଷ୍ଟି ହେଲା। ସେଥିରେ ଆଖିକୁ ଦେଖାଯାଉ ନ ଥିବା ଅତି କ୍ଷୁଦ୍ର ଏକକୋଷୀ ଅଣୁଜୀବ, ବୀଜାଣୁ, ଭୂତାଣୁ ଓ ଆମିବାଠାରୁ ଆରମ୍ଭ କରି ହାତୀଠାରୁ ୫୦ଗୁଣ ବୃହତ୍ ଡାଇନୋସର, ବିଭିନ୍ନ ଜାତିର କୀଟପତଙ୍ଗ, ମତ୍ସ୍ୟ, ସରୀସୃପ, ପକ୍ଷୀ, ସ୍ତନ୍ୟପାୟୀ ପ୍ରାଣୀ ସବୁ ବିଭିନ୍ନ ସମୟରେ ସୃଷ୍ଟି ହେଲେ। ପ୍ରାୟ ୧ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ବିଶାଳକାୟ ଡାଇନୋସର ପରେ ଲୋପ ପାଇଗଲା। ଏହିପରି ଅନେକ ପ୍ରକାରର ଜୀବ ଏହି ପୃଥିବୀରେ ହଜାର ହଜାର ବର୍ଷଯାଏ ବଞ୍ଚିରହି ତା' ପରେ ଲୋପ ପାଇଯାଇଛନ୍ତି। ଏହା ଆମକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ।


ଆଉ ଗୋଟିଏ କଥା ହେଲା ପିଲାମାନେ, ଆଜକୁ ପ୍ରାୟ ୩୦ରୁ ୩୫ କୋଟି ବର୍ଷ ପୂର୍ବେ ପୃଥିବୀରେ ବହୁ ପ୍ରାକୃତିକ ବିପର୍ଯ୍ୟୟ ଘଟି ଗଛଲତା ମାଟି ତଳେ ଚାପିହୋଇ କୋଇଲାରେ ପରିଣତ ହେବା କଥା ପାଠରେ ପଢ଼ିଥିବ। ସେହି ସମୟକୁ ''କାର୍ବୋନିଫେରସ ସମୟ'' ବା କୋଇଲାର ସୃଷ୍ଟି ସମୟ କୁହାଯାଏ। ସେତେବେଳେ ଓଦା ଭୂମିରେ ୧୩୦୦ ଜାତିର ପିମ୍ପୁଡ଼ି, ଅସରପା, କଙ୍କଡ଼ାବିଛା, ବୃହତ ମାଛ, ଉଡ଼ାପୋକ, ଝିଣ୍ଟିକା ଆଦି ଜନ୍ମ ନେଇଥିଲେ। ଏହି ସମୟରେ ସମୁଦ୍ରରେ ଅନେକ ଜାତିର ଅମେରୁଦଣ୍ଡୀ ପ୍ରାଣୀ ଓ ଉଭୟଚର ଜୀବ ସୃଷ୍ଟି ହୋଇଥିଲା। ଅନୁମାନ କରାଯାଏ ଯେ ଏହି ସମୟରେ ବାସ କରୁଥିବା କେତେକ ଜାତିର ମାଛ ଦେହରେ ଫୁସ୍‌ଫୁସ୍‌ର ବିକାଶ ଘଟି କ୍ରମେ ଉଭୟଚର ପ୍ରାଣୀ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗତି କରିବାକୁ ଲାଗିଲେ। ଉତ୍ତର ଆମେରିକାର ଶିଳାଖଣ୍ଡରୁ ୮୮ ଜାତିର ଉଭୟଚର ପ୍ରାଣୀଙ୍କ ଜୀବାଶ୍ମ ମିଳିଛି।

ପିଲାମାନେ, ଆମେ ଜାଣିବା ଏକ ପ୍ରକାର ବିଚିତ୍ର ମାଛ, ଯାହାର ତିନୋଟି ଆଖି ଥିଲା। ସେମାନଙ୍କଠାରୁ ଉଭୟଚର ପ୍ରାଣୀ ସୃଷ୍ଟି ହେବା କଥା ଗବେଷକମାନେ କହୁଛନ୍ତି। ସେହି ବିଚିତ୍ର ମାଛକୁ 'କ୍ରୋସୋଟେରଜିଆନ' ଜାତିର ମାଛ କୁହାଯାଏ। ସବୁଠାରୁ ବଡ଼ ମାଛର ଲମ୍ବ ଥିଲା ୧୦ ଫୁଟ। ଏହାର ଶରୀରରେ ଭାରି ହାଡ଼ ସହିତ ମୁଣ୍ଡର ଖପୁରି ହାଡ଼ ମଧ୍ୟ ଟାଣ ଥିଲା। ଏହି ଜୀବର ଏକ ବିଶାଳ ଲାଞ୍ଜ ଥିଲା, ଯାହା ପାଣିରେ ପହଁରିବାକୁ ସାହାଯ୍ୟ କରୁଥିଲା। ପରବର୍ତ୍ତୀ ସମୟରେ ସେହି ତୃତୀୟ ଆଖି ମେରୁଦଣ୍ଡୀ ପ୍ରାଣୀଙ୍କ ପାଇଁ ଅଦରକାରୀ ଅଂଶ ହୋଇଗଲା। ଆସ୍ତେ ଆସ୍ତେ ସେମାନେ ସ୍ଥଳଭାଗକୁ ଆସି ବସବାସ କଲେ। ପୂର୍ବରୁ ତାଙ୍କ ଦେହର ଚର୍ମ ନରମ ଓ ଓଦାଳିଆ ଥିଲା। ତେଣୁ ସୂର୍ଯ୍ୟ ରଶ୍ମି ଓ ଗରମକୁ ସହ୍ୟ କରିପାରୁ ନ ଥିଲେ। ପରବର୍ତ୍ତୀ ସମୟରେ ସ୍ଥଳଭାଗକୁ ଆସି ରହିବା ଫଳରେ ଦେହର ଚମଡ଼ାରେ ପରିବର୍ତ୍ତନ ଆସିଲା ଏବଂ ଏମାନେ ଗରମ ଓ ଥଣ୍ଡା ସହ୍ୟ କରିପାରିଲେ। ସେମାନଙ୍କଠାରୁ ହିଁ ବର୍ତ୍ତମାନ ଆମେ ଯେଉଁ ଏଣ୍ଡୁଅ ଜାତିର ଜୀବ ଦେଖୁଅଛେ, ତାହା ସୃଷ୍ଟି ହୋଇଥିବା କଥା ଗବେଷଣାରୁ ଜଣାଯାଇଛି। ତେଣୁ ପିଲାମାନେ, ଅତୀତର ସେହି ୩୦ରୁ ୩୫ କୋଟି ବର୍ଷ ପୂର୍ବେ ଯାହାକୁ 'କାର୍ବୋନିଫରସ ସମୟ' କୁହାଯାଉଥିଲା, ସେତେବେଳେ ହିଁ ପୃଥିବୀରେ ପ୍ରଥମ ସରୀସୃପ ପ୍ରାଣୀ ସୃଷ୍ଟି ହୋଇଥିଲା। ପୁଣି ସେହି ସମୟରେ ହିଁ ଉଦ୍ଭିଦ ଜଗତର ବିକାଶ ହୋଇଥିବା କଥା ଗବେଷଣାରୁ ଜଣାପଡ଼େ। ତୁମ୍ଭେମାନେ ବଡ଼ ହୋଇ ଉଚ୍ଚ ଶ୍ରେଣୀରେ ପାଠ ପଢ଼ିଲେ ଏହି ଜୀବଜନ୍ତୁର ସୃଷ୍ଟି ଓ ବିକାଶ ସମ୍ପର୍କରେ ଅଧିକା ଜାଣିପାରିବ।

– ବିନୋଦ ଚନ୍ଦ୍ର ଜେନା
ପାରଳାଖେମୁଣ୍ଡି,ଗଜପତି
ମୋ:୯୪୩୮୦୭୪୪୬୪







## ଜଣା ଅଜଣା

* ପପୁଆ ନିଉଗିନିରେ ଦେଖାଦେଉଥିବା ରିବନ ଟେଲ୍‌ଡ୍ ଆଷ୍ଟ୍ରାପିଆ ନାମକ ପକ୍ଷୀ ପୃଥିବୀର ସବୁଠାରୁ ଲମ୍ବା ଲାଞ୍ଜଧାରୀ(ଶରୀର ତୁଳନାରେ) ପକ୍ଷୀ। ଶରୀର ତୁଳନାରେ ଏହାର ଲାଞ୍ଜ ୩ ଗୁଣ ଲମ୍ବା।





* ଅକ୍ଟୋପସ୍ ଭୋକିଲା ଥିଲାବେଳେ ସେ ନିଜ ଗୋଡକୁ ମଧ୍ୟ ଖାଇଦେଇଥାଏ।

*ସମଗ୍ର ପୃଥିବୀରେ ପ୍ରାୟ ୭୨ ମିଲିୟନ ବଧିର ଲୋକ ଅଛନ୍ତି। ସେମାନଙ୍କର କଥୋପକଥନ ଲାଗି ପ୍ରାୟ ୩୦୦ ପ୍ରକାରର ଠାର ଭାଷା ମଧ୍ୟ ରହିଛି।



# ଆ ଇ ନା





ନିରାଳି
୯ ବର୍ଷ

ରିଶିତା
୮ ବର୍ଷ